# ପିଲାଙ୍କ ଧରିତ୍ରୀ



# ରଥରେ ଦେଖିବି



## ଗପ

କରୁଣା ଜନ୍ମରୁ ପୋଲିଓ ଆକ୍ରାନ୍ତ ହୋଇଥିଲା। ସେଥିପାଇଁ ସେ ଦିବ୍ୟାଙ୍ଗ ହୋଇଯାଇଛି। ଗାଁରେ ସମସ୍ତେ କହନ୍ତି ଗ୍ରହଣ ଖଣ୍ଡିଆ। କିଛି କରିପାରିବ ନାହିଁ। ଡାହାଣ ପାଦଟି ଓଲଟା, ପାଦର ଉପର ଅଂଶ ଗୋଇଠିଠାରୁ ଉପରକୁ। ତଥାପି କରୁଣା ଆଶା ବାଡ଼ିଟିଏ ଧରି ଚଲାବୁଲା କରେ।

କରୁଣା ସେଦିନ ମାଆଙ୍କୁ କହିଲା, ମା', ଟିକୁ କାକା, ବାଇଆ ମଉସା, ଅଡିଆ ଜେଜେ ଏଇମିତି ଦଶ ବାର ଜଣ ପୁରୀକୁ ରଥ ଦେଖିବାକୁ ଯାଉଛନ୍ତି। ମୁଁ ଟିକେ ତାଙ୍କ ସହିତ ଯିବି କହିଲି, ନେଲେନି। କିଏ ତୋତେ ଟେକିବ କହି ଚାଲିଗଲେ। ହେଲେ ମା' ମୋର ରଥ ଦେଖିବାକୁ ଭାରି ଇଚ୍ଛା ହଉଚି, ତୁମେ ମନା କରନା। ମୋତେ ଯିବାକୁ ଦିଅ। ମା' କ'ଣ କହିବେ, ଭାବି ପାରୁ ନ ଥିଲେ! ହତଭାଗାଟା, ନିଜେ ଜାଣିପାରୁନି ଯେ, ସେ ଅସହାୟ। ମହାପ୍ରଭୁ ଜଗନ୍ନାଥଙ୍କର ଇଏ ପୁଣି କି ପରୀକ୍ଷା!

ମନର କୋହକୁ ମନରେ ରଖି ମା' କିଛି ଟଙ୍କା ସହିତ ଚୁଡ଼ା, ମୁଢି ଯାହା ଥିଲା କରୁଣାକୁ ଦେଲେ। ଛାତିକୁ ପଥର କରି ଆଶାବାଡ଼ିଟି ଧରେଇ ଦେଇ ମୁହଁ ବୁଲେଇ ନେଇ ଲୁହ ପୋଛିଲେ। ଚାଲିଲା କରୁଣା ଶ୍ରୀକ୍ଷେତ୍ରକୁ। ତୁଣ୍ଡରେ ତାଙ୍କରି ନାମ। ଭାଗ୍ୟବଳେ ଠେଲାପେଲାରେ ଚାପି ହୋଇ ପହଞ୍ଚିଗଲା ବଡ଼ଦାଣ୍ଡରେ। ଚମକି ଗଲା ଜନସମୁଦ୍ର ଦେଖି। ହେଲେ ସେ ତ ବିନା ବାଡିରେ ଚାଲିପାରୁନି। ଟିକେ ଲୋକ ଗହଳିରେ ପଶିଲା ବେଳକୁ ଥକ୍କା ଲାଗି ତଳେ ପଡ଼ିଯାଉଛି। ତଥାପି ମନରେ ସାହସ। ସେପଟେ ବଡ଼ଦେଉଳ, ଏ ତ ଆଗରେ ଦିଶୁଛି ତିନି ରଥ। ପୋଲିସ କର୍ଡନ ଚାରିଦିଗରୁ। କିଛି ଲୋକ ରଥ ଟାଣିବାକୁ ପ୍ରସ୍ତୁତ ହେଇଗଲେଣି।

ମନେମନେ କରୁଣା ମହାପ୍ରଭୁଙ୍କୁ ଚିନ୍ତା କଲା। ଏଇଠି କି ଆସି ମୁଁ ହନ୍ତସନ୍ତ ହେଉଛି। ତୁମେ ମୁହଁ ବୁଲେଇ ବସିଛ! ଲକ୍ଷଲକ୍ଷ ଭକ୍ତଙ୍କୁ ଦର୍ଶନ ଦଉଛ, ମୋ ପାଇଁ ଏତେ ନିଷ୍ଠୁର। ହେଲେ ତୁମକୁ ଦର୍ଶନ ନ କରି ମୁଁ ଏଠୁ ଆଦୌ ଯିବିନି। ବହୁ କଷ୍ଟରେ ଜୋର ଲଗାଇ, ରଥ ଆଡ଼କୁ ବଢିଲା କରୁଣା। ହେଇ ହରିବୋଲ ପଡ଼ିଲା, ରଥ ଟଣା ଆରମ୍ଭ ହେଲା। କରୁଣା ରଥ ସାମ୍ନାକୁ ଆସିଯାଇଥିଲା, ଦୁଇହାତ ଟେକି ଜଗନ୍ନାଥଙ୍କୁ ଟିକେ ଦର୍ଶନ କରିଛି କି ନାହିଁ, ଭିଡ଼ର ଢେଉ ସମ୍ଭାଳି ନ ପାରି ଚିତ୍ ହୋଇ ପଡିଗଲା, କେତେ ଲୋକ ଚଢିଗଲେ ତା' ଉପରେ। ତଳେ ପଡ଼ି କରୁଣା ପ୍ରଭୁଙ୍କୁ ଡାକୁଥିଲା 'ପ୍ରଭୁ ମୋ ପରି ଲୋକମାନଙ୍କ ପାଇଁ ଯଦି ସରକାରଙ୍କ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଆନ୍ତା ତା'ହେଲେ ସେମାନେ ସହଜରେ ଦର୍ଶନ ପାଇପାରନ୍ତେ।' କେହି ଜଣେ କରୁଣାକୁ ଉଠେଇ କଡକୁ ନେଲେ। କରୁଣାର ମୁହଁ ଫାଟି ରକ୍ତ ଝରୁଥାଏ, କିନ୍ତୁ ସେଥିପ୍ରତି ତା'ର ନିଘା ନାହିଁ। କାରଣ ସେ ପ୍ରଭୁଙ୍କ ଦର୍ଶନ ପରେ ଖୁସିରେ ଆତ୍ମହରା ହୋଇ ଯାଇଥିଲା।

**– ଶିବ ପ୍ରସାଦ ରାଉତ**
ବଛଡା, ବାସୁଦେବପୁର, ଭଦ୍ରକ
ମୋ: ୮୧୪୪୨୨୮୧୧୫

## ଖିଲି ଖିଲି ହସ

ଶିକ୍ଷକ କ୍ଲାସ୍‌ରେ ପଢ଼ାଉଥିବା ସମୟରେ କହିଲେ, ପିଲାମାନେ କାଲି ଯଦି ହୋମ୍‌ୱାର୍କ କରି ନ ଥିବ ତେବେ ତୁମକୁ ମୁଁ ମୁର୍‌ଗା(କୁକୁଡା) ବନେଇଦେବି।
ଛାତ୍ର : ସାର୍, ମୁଁ ମୁର୍‌ଗା(କୁକୁଡା) ଖାଏନି, ଯଦି ଆପଣ ଚାହୁଁଛନ୍ତି ମୋ ପାଇଁ ମଟର ପନୀର କରିଦେବେ।

---

ସାଇକେଲ୍ ଚଲାଇ ଲୋକଟିଏ ରାସ୍ତାରେ ଯାଉଥିବା ସମୟରେ ଅନ୍ୟ ଜଣେ ବ୍ୟକ୍ତିକୁ ଧକ୍କା ଦେଇ କହିଲେ, ଭାଇ ତୁମେ ବହୁତ ବଡ଼ ଭାଗ୍ୟବାନ।
ବ୍ୟକ୍ତିଜଣକ ରାଗିଯାଇ କହିଲେ – ପ୍ରଥମେ ତ ମୋତେ ଧକ୍କା ଦେଲ ତା' ପରେ ପୁଣି କହୁଛ ଯେ ମୁଁ ଭାଗ୍ୟବାନ୍ ବୋଲି।
ସାଇକେଲବାଲା: ଦେଖନ୍ତୁ ଭାଇ, ଆଜି ମୋର ଛୁଟି ଅଛି ସେଥିପାଇଁ ସାଇକେଲ ଚଲାଉଛି ନ ହେଲେ ମୁଁ ପ୍ରାୟ ଦିନ ଟ୍ରକ୍ ଚଲାଏ।

---

(ଦୁଇ ମହିଳାଙ୍କ ମଧ୍ୟରେ କଥାବାର୍ତ୍ତା)
ପ୍ରଥମ ମହିଳା: ଆଜିକାଲି ମେଦବହୁଳତା ବହୁତ ବଢ଼ିଗଲାଣି ,ସେଥିପାଇଁ ବାହାରେ ଖାଇବା ବନ୍ଦ....
ଦ୍ୱିତୀୟ ମହିଳା: ଏଥିପାଇଁ ମୁଁ ଖାଦ୍ୟକୁ ପ୍ୟାକ୍ କରି ଘରକୁ ନେଇଆସେ, ଘରେ ବସି ଖାଇଥାଏ।

## ମତାମତ

▸▸ ଗତ ସପ୍ତାହରେ ପୃଷ୍ଠା–୩ରେ ପ୍ରକାଶିତ 'ସ୍କୁଲ ଟାଇମ' ପଢ଼ି ଭଲ ଲାଗିଲା।

**–ପ୍ରାର୍ଥନା ସାହୁ, ବଡବିଲ**

▸▸ 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ଶିକ୍ଷଣୀୟ ହୋଇପାରୁଛି।

**–ବିସ୍ମିତା ପ୍ରଧାନ, ସୁନାବେଡା**

▸▸ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶ ପାଉଥିବା ଚିତ୍ରଗୁଡ଼ିକ ସୁନ୍ଦର ଲାଗୁଛି।

**–ପ୍ରତ୍ୟୁଷ କୁମାର ନାୟକ, କଟକ**

▸▸ 'ପିଲାଙ୍କ ଧରିତ୍ରୀ' ପଢ଼ି ଅନେକ ବିଷୟରେ ଭଲ ଭଲ କଥା ଜାଣି ହେଉଛି।

**–ତନୟା ପ୍ରିୟଦର୍ଶିନୀ, ଯାଜପୁର**

## ସୁସ୍ଥ ରଖେ ବନ୍ଧୁତା

ସ୍ୱାସ୍ଥ୍ୟ ଭଲ ରଖିବାକୁ ହେଲେ ସୁସ୍ଥ ଜୀବନଶୈଳୀ ସହିତ ସୁଷମ ଖାଦ୍ୟ ଉପରେ ନିର୍ଭର କରିବାକୁ ହୁଏ। କିନ୍ତୁ ଏସବୁ ସହିତ ସୁସ୍ଥତା ପାଇଁ ସାଙ୍ଗମାନଙ୍କର ବି ଆବଶ୍ୟକତା ରହିଛି। ଯେଉଁମାନଙ୍କର ବନ୍ଧୁ ନାହାନ୍ତି ସେମାନଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟ ସମସ୍ୟା ତୁଳନାତ୍ମକଭାବେ ଅଧିକ ରହିଥାଏ। ବିଭିନ୍ନ ପ୍ରକାରର ରିସର୍ଚ୍ଚ ପରେ ଏହି ମତ ଦେଇଛନ୍ତି ବୈଜ୍ଞାନିକମାନେ। ଆମେରିକାନ୍ ସାଇକାଟ୍ରିକ୍ ଆସୋସିଏଶନର ଏକ ରିପୋର୍ଟ ଅନୁସାରେ ଯେଉଁମାନଙ୍କର ବନ୍ଧୁ ତଥା ଲୋକସମ୍ପର୍କ ଓ ସାମାଜିକ ସମ୍ପର୍କ ମଧ୍ୟ ଖୁବ୍ କମ୍ ସେମାନଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହୋଇପାରେ। ଏଭଳି ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦୟ ସମ୍ବନ୍ଧୀୟ ରୋଗ, ଡିମେନେସିଆ, ଡାଏବେଟିସ୍ ତଥା ହାଇପରଟେନସନ୍, ସ୍ନାୟୁଗତ ଅସୁବିଧା, ନିଦ୍ରାହୀନତା, ଡିପ୍ରେସନ୍ ଆଦି ଦେଖାଦେବାର ଆଶଙ୍କା ଅଧିକ ରହିଥାଏ। ଖାଲି ସେତିକି ନୁହେଁ ନିଃସଙ୍ଗ ଜୀବନ ବିତାଉଥିବା ଲୋକେ ବୟସ ତୁଳନାରେ ଶୀଘ୍ର ବାର୍ଦ୍ଧକ୍ୟର ଶିକାର ମଧ୍ୟ ହୋଇଯାନ୍ତି। ତେବେ ଏହାର ଅର୍ଥ ନୁହେଁ କି ସାଙ୍ଗମାନଙ୍କ ସହିତ ରହି ସ୍ୱାସ୍ଥ୍ୟ ପ୍ରତି ଆଦୌ ଧ୍ୟାନ ନ ଦେଇ ଜଙ୍କ୍ ଫୁଡ୍ ଖାଇବା କିମ୍ବା କୌଣସି ଖରାପ ଜୀବନଶୈଳୀକୁ ଆପଣେଇବା ପରେ ବି ସ୍ୱାସ୍ଥ୍ୟ ଭଲ ରହିବ ବୋଲି ଭାବିବା। ସୁସ୍ଥ ଜୀବନଶୈଳୀ ସହିତ ବନ୍ଧୁମାନଙ୍କ ସୁସମ୍ପର୍କ ରଖିଲେ, ଖେଳକୁଦ କଲେ ଶାରୀରିକ ତଥା ମାନସିକ ସୁସ୍ଥତା ଦୀର୍ଘସ୍ଥାୟୀ ହୋଇଥାଏ।



## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ପିଲା ଅମାନିଆ ହେଉଥିଲେ...

ଛୋଟ ପିଲାମାନେ ଚପଳମତି । ଖେଳକୁଦ, ମଜାମସ୍ତିରେ ସେମାନେ ସମୟ କାଟିଥାଆନ୍ତି । ହେଲେ ବୟସ ବଢ଼ିବା ସହ ସେମାନେ ମାତାପିତା, ଗୁରୁଜନଙ୍କ କଥାକୁ ଧ୍ୟାନ ଦେବା ନିହାତି ଦରକାର। ଯଦି ପିଲାଟି କୌଣସି କଥାକୁ ଗୁରୁତ୍ୱ ଦେଉନି, ତେବେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି...

ଆଧୁନିକ ଯୁଗରେ ଆମେ ଅନେକ କ୍ଷେତ୍ରରେ ବିକାଶ ଲାଭ କରିଛେ। ଦିନକୁଦିନ ପିଲାମାନଙ୍କର ବୁଦ୍ଧିମତ୍ତାରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ପିଲାମାନେ ନିଜ ଜ୍ଞାନ ବଳରେ ଅନେକ ବିଷୟରେ ନିଜର ପାରଦର୍ଶିତା ହାସଲ କରିବାରେ ସକ୍ଷମ ହେଉଛନ୍ତି। ଏକଥା ସତ ଯେ, ସମୟ ସହ ପାଦ ମିଳାଇ ସେମାନେ ବି ଚାଲିବାକୁ ପ୍ରସ୍ତୁତ। ନିଜକୁ ଅନ୍ୟମାନଙ୍କର ପ୍ରଶଂସାଭାଜନ କରିବା ପାଇଁ କେତେକ ବିଷୟ ପ୍ରତି ସେମାନଙ୍କୁ ଧ୍ୟାନଦେବାକୁ ପଡ଼ିଥାଏ। କିନ୍ତୁ କେତେଜଣ ପିଲା ଏପରି ଦୁନିଆରେ ନିଜକୁ ହଜାଇ ଦିଅନ୍ତି ଯେ, ଭଲ କଥା ଶୁଣିବା, କାହାର କଥାକୁ ସମ୍ମାନଦେବା, କ'ଣ କରିବା, କ'ଣ ନ କରିବା, ଭଲମନ୍ଦର ବିଚାର କରିବା ଆଦି ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ସେହି ଅନୁସାରେ ସମୟକ୍ରମେ ସେମାନଙ୍କର ଭବିଷ୍ୟତ ପ୍ରଭାବିତ ହୋଇଥାଏ। ଅପରପକ୍ଷେ ଆଜିକାଲି କେତେକ ଛୋଟପିଲା ମା'ବାପାଙ୍କ କଥାକୁ ଅନେକ ସମୟରେ ଗୁରୁତ୍ୱ ଦେଇ ନ ଥା'ନ୍ତି। ଗୋଟିଏ କଥା କହିଲେ ଆଉ ଗୋଟିଏ କଥା କରନ୍ତି। ସେମାନଙ୍କୁ ଠିକ୍ ରାସ୍ତାରେ ପରିଚାଳିତ କରିବା ପାଇଁ ବେଳେବେଳେ ମା'ବାପା ଅସ୍ଥିର ହୋଇପଡ଼ନ୍ତି। ଯଦି ସେମାନେ ଅତିକମ୍‌ରେ ପାଞ୍ଚଟି କଥାକୁ ଗୁରୁତ୍ୱ ଦେବେ, ତେବେ ଏଭଳି ସମସ୍ୟାରୁ ନିଜକୁ ଅନେକାଂଶରେ ଦୂରେଇ ରଖିପାରିବେ।

## ବ୍ୟବହାର

ପିଲାଟି ଯଦି କାହା କଥା ଶୁଣୁନି, ତେବେ ତାହାର ବ୍ୟବହାର କିପରି ରହୁଛି ତାହାକୁ ଲକ୍ଷ୍ୟ କରିବା ଦରକାର। କାରଣ ନିଜର ବ୍ୟବହାର, କଥାବାର୍ତ୍ତା ଶୈଳୀକୁ ଭିତ୍ତିକରି ସେ ନିଜକୁ ଆଗକୁ ଆଗେଇ ନେଇଥାଏ। ବେଳେବେଳେ ପିଲାଟିଏ ଅନ୍ୟମାନଙ୍କୁ ଖରାପ ବ୍ୟବହାରକଲେ ତାହାକୁ ମା'ବାପା ଗୁରୁତ୍ୱ ଦେଇ ନ ଥାନ୍ତି। ପରବର୍ତ୍ତୀ ସମୟରେ ଯେତେବେଳେ ଏହା ଗୁରୁତର ଆକାର ଧାରଣ କରେ, ସେତେବେଳେ ସେମାନେ ଏହାର ସମାଧାନର ବାଟ ଖୋଜନ୍ତି। ତେଣୁ ଆରମ୍ଭରୁ ପିଲାଟିର ଆଚାର ବ୍ୟବହାର ପ୍ରତି ଦୃଷ୍ଟିଦେବା ନିହାତି ଦରକାର। ଏହାଦ୍ୱାରା ସେ ଧୀରେ ଧୀରେ ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ଦେବ ଏବଂ ଶୁଣି ତାହାର ଭଲମନ୍ଦ ନିଜେ ବିଚାର କରିବ।

## ଦାୟିତ୍ୱ

ପିଲାମାନଙ୍କର କିଛିନା କିଛି ଦାୟିତ୍ୱ ରହିଛି। ଯଦି ସେମାନେ ପାଠ ପଢୁଛନ୍ତି, ତେବେ ଏହି ଦାୟିତ୍ୱ ଆହୁରି ବଢ଼ିଯାଇଥାଏ। ପାଠପଢ଼ାକୁ ମା'ବାପା ତଦାରଖ କରିବା ସ୍ୱାଭାବିକ କଥା। ଏହି ସମୟରେ ସେମାନେ ପିଲାମାନଙ୍କୁ ଅନେକ ଉପଦେଶ ଦେଇଥାଆନ୍ତି। ହେଲେ କେତେଜଣ ପିଲା ଏହାକୁ ଶୁଣିଥାଆନ୍ତି ସତ, ହେଲେ କାମରେ ଲଗାନ୍ତି ନାହିଁ। ମା'ବାପାଙ୍କ କଥା ସେମାନଙ୍କର ଏ କାନରେ ପଶି ସେ କାନରେ ବାହାରିଯାଏ। ଯେତେବେଳେ ପାଠପଢ଼ା ଏକ ବୋଝ ପରି ଲାଗେ, ସେତେବେଳେ ସେମାନେ ଏହାକୁ ନେଇ ମା'ବାପା କ'ଣ ଉପଦେଶ ଦେଇଥିଲେ ତାହାକୁ ମନେପକାନ୍ତି। ତେଣୁ ପିଲାମାନେ ଯଦି ନିଜ ଦାୟିତ୍ୱ ପ୍ରତି ସଚେତନ ରହିବେ, ତେବେ ସେମାନେ ଶୁଣୁଥିବା କଥାଗୁଡ଼ିକୁ ଗୁରୁତ୍ୱ ଦେବେ।

## ଭାବପ୍ରବଣତା

ବେଳେବେଳେ ଭାବପ୍ରବଣବଶତଃ ପିଲାମାନେ ମା'ବାପା, ଗୁରୁଜନଙ୍କ କଥାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ସେମାନେ ଏଭଳି ଦୁନିଆରେ ରହିଥାଆନ୍ତି ଯେ, ଅନ୍ୟ କଥାଗୁଡ଼ିକୁ ସେମାନଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇ ନ ଥାଏ। ତେଣୁ କିଏ କ'ଣ କହୁଛି ତାହା ଶୁଣିବା ପୂର୍ବରୁ ନିଜକୁ ଭାବପ୍ରବଣତାରୁ ସାଧାରଣ ସ୍ତରକୁ ଆଣନ୍ତୁ। ତେବେ ଜଣେ ପିଲା ଅନ୍ୟମାନଙ୍କ କଥାର ମହତ୍ତ୍ୱକୁ ଉପଲବ୍ଧି କରିପାରିବ।

## ବିଶ୍ୱାସ

ପିଲାଟିର ନିଜ ଉପରେ ବିଶ୍ୱାସ ଦୃଢ଼ହେବା ନିହାତି ଦରକାର। ନ ହେଲେ ସେ ଶୁଣୁଥିବା କଥାଟି ଯେ ତା'ପାଇଁ କେତେ ଭଲ ତାହା ସେ ଅନୁଭବ କରିପାରି ନ ଥାଏ। ତେଣୁ କିଏ କ'ଣ କହୁଛି, ସେହି କଥାକୁ ପ୍ରଥମେ ବିଶ୍ୱାସକରି ତର୍ଜମା କରିବା ଆବଶ୍ୟକ। ଯଦି ଭଲ କଥାକୁ ସେମାନେ ଅବିଶ୍ୱାସ କରନ୍ତି, ତେବେ ତାହାର ଫଳ ସେମାନଙ୍କୁ ପରବର୍ତ୍ତୀ ସମୟରେ ଭୋଗିବାକୁ ପଡ଼ିଥାଏ।

## ଭୁଲ୍‌ରୁ ଶିକ୍ଷା

ବେଳେବେଳେ ପିଲାମାନେ ମା'ବାପାଙ୍କ କଥାକୁ ନ ଶୁଣି ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ସେତେବେଳେ ସେମାନେ ନିଜର ଭୁଲ୍ ବିଷୟରେ ଜାଣିପାରନ୍ତି। ତେଣୁ ଭୁଲ୍‌ରୁ ଥରେ ଶିକ୍ଷା ପାଇଲେ ସେମାନେ ସବୁ କଥା ପ୍ରତି ଗୁରୁତ୍ୱ ଦେବା ଆରମ୍ଭ କରିବେ।



## ଏମାନେ କ'ଣ କରନ୍ତି...

### ମା'ବାପାଙ୍କ କଥାକୁ ସବୁବେଳେ ଗୁରୁତ୍ୱ ଦିଏ



ସବୁବେଳେ ମା'ବାପା ହୁଅନ୍ତୁ ଅବା ଗୁରୁଜନ; ସେମାନଙ୍କ କଥାକୁ ଗୁରୁତ୍ୱ ଦେଇଥାଏ। କାରଣ ସେମାନେ ସବୁବେଳେ ଆମକୁ ଭଲ କଥା ହିଁ କହିଥାଆନ୍ତି। ସେମାନଙ୍କ କଥା ନ ମାନିଲେ, ତାହାର ଫଳ ହିଁ ଭୋଗ କରିବାକୁ ପଡ଼ିବ। ପୁଣି ଏଥିପାଇଁ ମା' ବାପା ଟେନ୍‌ସନରେ ରହିବେ। ତେଣୁ ସେମାନେ ମୋତେ ଯେତେବେଳେ ଯାହା କହନ୍ତି, ତାହାକୁ ଗ୍ରହଣ କରିଥାଏ।


**-ମିତେଶ କୁମାର ମହାନ୍ତି,** କ୍ଲାସ୍-୧୦,ଏସ୍ ଜି ଉଚ୍ଚ ବିଦ୍ୟାଳୟ,ବିଲାଶୁଣୀ ,କଟକ

### ଗୁରୁଜନଙ୍କ କଥାକୁ ସମ୍ମାନଦିଏ




ମୋତେ ଅନେକ ସମୟରେ ଗୁରୁଜନମାନେ ଭଲ କଥା କହିଥାଆନ୍ତି। ସେହି କଥାଗୁଡ଼ିକ ମୋ ପାଇଁ ପ୍ରେରଣାର ଉତ୍ସ ଭାବରେ କାମକରେ। ତେଣୁ ମା'ବାପା ହୁଅନ୍ତୁ ଅବା ଗୁରୁଜନ; ଯେତେବେଳେ ଯାହା କହନ୍ତି, ତାହାର ଗୁରୁତ୍ୱକୁ ଉପଲବ୍ଧି କରି ଗ୍ରହଣକରେ। ମୁଁ କେବେ ସେମାନଙ୍କ କଥାକୁ ଏଡ଼ାଇଦେଇନି। କାରଣ ସେମାନେ ସବୁବେଳେ ଆମର ମଙ୍ଗଳ ଚାହିଁଥାଆନ୍ତି।


**-ଆର୍ଯ୍ୟମାନ ପରିଡ଼ା,** କ୍ଲାସ୍ -୯,ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ବ୍ରହ୍ମଗିରି


୧


୨



୩


୪


୫


୬


୭


୮


୯


୧୦


ତ୍ରୀଶା ମିଶ୍ର
କ୍ଲାସ- ୪, ଡିଏଭି ପବ୍ଲିକ ସ୍କୁଲ, ରାଜାବଗିଚା, କଟକ
୧

ଇସିତା ସାହୁ
କ୍ଲାସ- ୪, ଡ୍ରିମ୍ ଇଣ୍ଡିଆ ସ୍କୁଲ, ଘାଟିକିଆ, ଭୁବନେଶ୍ୱର

୨


ଜିସାନ୍ତ ପଟ୍ଟନାୟକ
କ୍ଲାସ- ୧, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର
୩

ସର୍ବଜୀତ୍ ଶତପଥୀ
କ୍ଲାସ-୩, ସେଣ୍ଟ ଜାଭିୟର ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା

୪


ମେଘା ଟୁଡୁ
କ୍ଲାସ-୬, ଅତାନଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୟୂରଭଞ୍ଜ
୫

ସାଇ ଶିବେଶ ବେହେରା
କ୍ଲାସ- ୬, କାର୍ମେଲ ସ୍କୁଲ, ରାଉରକେଲା

୬


ପ୍ରାଚୀ ମହାପାତ୍ର
କ୍ଲାସ- ୫, ମଦର୍ସ ପବ୍ଲିକ ସ୍କୁଲ, ଗୋରୁଆଲ, ପୁରୀ
୭

ରାଜେଶ ପାଇକରାୟ
କ୍ଲାସ-୮, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନାରଗୋଦା, ଭୁବନେଶ୍ୱର

୮


ରୋହନ ରାଉଳ
କ୍ଲାସ- ୨, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଜନଗର, କେନ୍ଦ୍ରାପଡା
୯


ଶୁଭଶ୍ରୀ ପ୍ରଧାନ
କ୍ଲାସ- ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୁରୀ
୧୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

ନିଜ ନିଜର ହବି ଅନୁସାରେ କିଏ କଏନ ସଂଗ୍ରହ କରନ୍ତି ତ କିଏ କିଏ ବିରଳ ପଥର ଅବା ଷ୍ଟାମ୍ପ କିମ୍ବା ଅନ୍ୟ ଯେକୌଣସି ଜିନିଷକୁ ସଂଗ୍ରହ କରି ରଖନ୍ତି। ବେଳେବେଳେ ଏଇ ହବି ପାଇଁ ଅନେକେ ରେକର୍ଡ ବି କରିଥାନ୍ତି। ଏହାର ଏକ ଉଦାହରଣ ହେଉଛନ୍ତି

# ସର୍ବାଧିକ ସଂଗ୍ରହ




ଆମେରିକାର ଜେଫେରୀ ଏସ୍. ଫୁକେ। କୋକାକୋଲା କମ୍ପାନୀର ବିଭିନ୍ନ ଜିନିଷ ସଂଗ୍ରହ କରି ସେ ବିଶ୍ୱ ରେକର୍ଡ କରିଛନ୍ତି। ୨୬ ବର୍ଷୀୟ ଏହି ବ୍ୟକ୍ତି ଜଣକ ହେଉଛନ୍ତି ଜଣେ ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟର। କିନ୍ତୁ କୋକାକୋଲା କମ୍ପାନୀର ବିଭିନ୍ନ ଜିନିଷ ସଂଗ୍ରହ କରିବା ତାଙ୍କର ସଉକ। ଏଥିପାଇଁ ଏବେ ସୁଦ୍ଧା ୫,୨୩୭ ପ୍ରକାର ଭିନ୍ନ ଭିନ୍ନ ଜିନିଷ ସଂଗ୍ରହ କରିପାରିଛନ୍ତି। ଜେଫେରୀଙ୍କ ଏଇ ହବି ପ୍ରଥମେ ଏକ ମଜାଦାୟକ ଚିନ୍ତାଧାରାରୁ ଆରମ୍ଭ ହୋଇଥିଲା। ତାଙ୍କ ମା'ବାପାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହେବା ପରେ ସେ ତାଙ୍କ ମା'ଙ୍କ ରୁମ୍‌କୁ କୋକାକୋଲାର ବିଭିନ୍ନ ଖୋଳ, ବୋତଲ ତଥା ଅନ୍ୟ ସାମଗ୍ରୀରେ ସଜାଇବାକୁ ଇଚ୍ଛା କରିଥିଲେ। ଏଥିପାଇଁ ତାଙ୍କର ସଂଗ୍ରହ ଆରମ୍ଭ ହୋଇଥିଲା। ଏହି କ୍ରମରେ ସେ କୋକାକୋଲାର ବିଭିନ୍ନ ପ୍ରକାର ଡ୍ରିଙ୍କ ଓ ଅନ୍ୟ ସମସ୍ତ ସାମଗ୍ରୀ ସଂଗ୍ରହ କରିଥିଲେ। ସେସବୁକୁ ପିଇ ସାରିବା ପରେ ଘରେ ସଜାଇ ରଖୁଥିଲେ। ଧୀରେ ଧୀରେ ତାଙ୍କର ଏହି ସବୁ ସଂଗ୍ରହ ଅଧିକ ହୋଇ ୫,୨୩୭ରୁ ଅଧିକ ହୋଇଯାଇଛି। ଏସବୁକୁ ସେ ତାଙ୍କ ମା'ଙ୍କ ରୁମ୍‌ରେ ସଜାଇ ରଖିଛନ୍ତି।

## ଏଥରର ?

- ରୋମ୍‌ର ପ୍ରଥମ ଶାସକ ?
- ଇଂଲଣ୍ଡକୁ କେଉଁ ଦେଶ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉପହାର ଦେଇଥିଲା ?
- କେଉଁ ସାମ୍ରାଜ୍ୟର ଶାସକ ଥିଲେ ଚେଙ୍ଗିଜ୍ ଖାନ୍ ?
- ଲାଲ୍ ଗ୍ରହ କାହାକୁ କହନ୍ତି ?
- ଶରୀରର ସବୁଠୁ ବଡ଼ ଅଙ୍ଗ ?

## ଗତଥରର ଉ ତ୍ତ ର

- ଆମେରିକା
- ଶ୍ରୀଲଙ୍କା
- ଜୋ ବାଇଡେନ
- ମାର୍ଗାରେଟ୍ ଥାଚର
- ମଙ୍ଗଳ



## କବିତା

### ରଥଯାତ୍ରା

ରଥଯାତ୍ରା ଅଟେ ମହାନ ପରବ
ମନପ୍ରାଣ ଗାଏ ଗୀତି
ଭକତି ବିଶ୍ୱାସ ମିଳନ ଲଗନେ
ଝରଇ ଶାଶ୍ୱତ ପ୍ରୀତି।
ବଡ଼ଦାଣ୍ଡ ପରେ ତିନିରଥ ଉଭା
ଏକତାର ଯାତ୍ରା ଲାଗି,
ବିଶ୍ୱମୈତ୍ରୀ ଭାବ ପ୍ରତିଷ୍ଠା ନିମନ୍ତେ
ଉଠରେ ସରବେ ଜାଗି।
ରଥଯାତ୍ରା ହେଉ ଜୀବନର ଯାତ୍ରା
ଜଗତବାସୀଙ୍କ ପାଇଁ,
ପରାଣର ପକ୍ଷୀ ପିଣ୍ଡ ବ୍ରହ୍ମାଣ୍ଡରେ
ଉଡୁଥାଉ ଘାଇଁ ଘାଇଁ।
ଏତିକି ମିନତି ନୀଳାଚଳିଆଙ୍କୁ
ମଧୁମୟ ହେଉ ସୃଷ୍ଟି,
ଦିବ୍ୟାୟିତ ହେଉ ସକଳ ପରାଣ
ଲଭି ବିଭୁକୃପା ଦୃଷ୍ଟି।
– ପ୍ରଦୀପ୍ତ କୁମାର ଦାସ
କଣ୍ଟାବଣିଆ, ପ୍ରୀତିପୁର, ଯାଜପୁର
ମୋ: ୮୫୯୪୮୮୫୮୯୮



### ରଥ ଗଡ଼ିବ

କଳା ବଳିଆ ଭଉଣୀ ସାଥେ
ଯିବେ ଗୁଣ୍ଡିଚା ଘର
ଦେଖିବେ ଦାଣ୍ଡେ କୋଟି ଭକତ
ହେଲେଣି ତର ତର।
ତିନି ରଥରେ ବସିବେ ଆସି
ପହଣ୍ଡିକରି ସେତ
ହସୁଚି ତାଙ୍କ ବଡଦାଣ୍ଡ ଯେ
ଉଡ଼େ ରଥରେ କେତ।
ଭକତ ତାର ଜୀବନ ଧନ
ତାଙ୍କୁ ଦେବ ସେ ଦେଖା
ନଅଦିନର ଘୋଷ ଯାତରା
ପୁରାଣେ ଅଛି ଲେଖା।
ମାଉସୀ ହାତ ପୋଡ଼ପିଠାକୁ
ଖାଇ ଫେରିବ ହସି
ସୁନାବେଶ ତ ସାଜିବ ପୁଣି
ନନ୍ଦିଘୋଷରେ ବସି।
– ପ୍ରଶାନ୍ତ କୁମାର ଦାଶ
ମୋ: ୯୬୭୮୮୨୨୧୯୦

### ଖୁସିର ପରବ ରଥଯାତ୍ରା

ଖୁସିର ପସରା ମେଲାଇ
ରଥ ଯାତରା ଆସେ,
ମହ ମହ ହୋଇ ମନରେ
ଭକ୍ତି ଭାବନା ବାସେ।
କେଉଁ କାଳୁ ଏହି ଯାତରା
ହୁଏ ମରତ ଧାମେ,
ଜଗତରେ ଛୁରି ପଡ଼ଇ
ଜଗନ୍ନାଥଙ୍କ ନାମେ।
ପତିତ ଜନଙ୍କୁ ତାରନ୍ତି
ପ୍ରଭୁ ରଥରେ ବସି,
ଭକତ ଜନଙ୍କୁ ଦେଖିଣ
ସେ ଯେ ଦିଅନ୍ତି ହସି।
ଭକ୍ତ ଭଗବାନ ମିଳନ
ବଡ଼ଦାଣ୍ଡରେ ହୁଏ,
ମନର ସକଳ କଳୁଷ
ଆଖି ଲୁହରେ ଧୁଏ।
ମାନବ ମନରେ ଭରିଣ
ଦିବ୍ୟ ସଂହତି ପ୍ରୀତି,
ରଥଯାତ୍ରା ଗାଏ ହରଷେ
ମହାଭାବର ଗୀତି।
– ଜୟନ୍ତ କୁମାର ମଲ୍ଲିକ
ମୋ:୯୪୩୭୮୬୫୬୨୭

### ରଥ ଯାତରା

ଆସ ଦେଖିଯିବା ରଥ ଯାତରା
ସବୁ ଯାତରାଠୁ ଇଏ ନିଆରା।
ଆଷାଢ଼ରେ ଶୁକ୍ଳ ଦ୍ୱିତୀୟା ଦିନ
ରଥଯାତ୍ରା ହୁଏ ରଖିବା ମନ।
ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ
ରଥେ ବସି ଯିବେ ଜଗତସାଇଁ।
ଭାଇ ଭଉଣୀର ସ୍ନେହ ଆଦର
ସଭିଙ୍କୁ ଶିଖାନ୍ତି ବଡ଼ ଠାକୁର।
ପ୍ରଭୁଙ୍କ ପାଖରୁ ଆମେ ଶିଖିବା
ସବୁରି ସାଥିରେ ମିଶି ଚଳିବା।
ନନ୍ଦିଘୋଷ ରଥେ କଳା ଠାକୁର
ଭକ୍ତ ମେଳେ ଯା'ନ୍ତି ଗୁଣ୍ଡିଚାଘର।
ନାହିଁ ଭେଦଭାବ ଆପଣାପର
ସଭିଙ୍କୁ ଭାବନ୍ତି ପ୍ରଭୁ ନିଜର।
– ଡ. ଶରତ କୁମାର ଚଉଁରୀ
ଟିଚର୍ସ କଲୋନି, ପିପିଲି, ପୁରୀ

### କହିଲ ଦେଖି

ସବୁ ଯାତ ମଧ୍ୟେ ଏ ଯାତ ସାର
ଦିଅଁ ଯାଇଥାନ୍ତି ଗୁଣ୍ଡିଚା ଘର
ନବଦିନ ସେଠି ରହି,
ପୁଣି ବାହୁଡ଼ାରେ ମନ୍ଦିର ଫେରନ୍ତି
ଯାତ୍ରା ନାମ ଦିଅ କହି।



ଉ– **ରଥଯାତ୍ରା**

ନୁହେଁ ଗାଡ଼ି ନୁହେଁ ଶଗଡ଼
ବିମାନ ପରି ଶୋଭା,
ଚଉଦ, ଷୋହଳ,ବାରଟି ଚକରେ
ଦିଶେ କେଡ଼େ ମନଲୋଭା,
ତିନୋଟି ନାମରେ ଖ୍ୟାତ
ବିଜେ ଏହା ଶିରୀକ୍ଷେତ୍ର
ଦେଶ ବିଦେଶର ଭକ୍ତ ଆସିଥାନ୍ତି
ଦେଖିବାକୁ ଏହି ଯାତ,
କୁହ କିସ ଏହା ମିତ ?



ଉ– **ତିନି ରଥ**

ସୂର୍ଯ୍ୟ ଚନ୍ଦ୍ର ପରି ଦିଅଁଙ୍କ ଆଖି
ପତା ନାହିଁ ସବୁ ପାରନ୍ତି ଦେଖି
ତିନି ଦିଅଁ ଭକ୍ତ ଭାବରେ ଭୋଳା,
ରଙ୍ଗ ତାଙ୍କ ଧଳା, ହଳଦୀ, କଳା
ବସି ରତ୍ନ ସିଂହାସନ,
ନଅ ଦିନ ପାଇଁ ଜନ୍ମବେଦୀ ଯାଇ
ଦେଖନ୍ତି ଭକତ ଜନ,
ସିଏ ତ ଭଉଣୀ ଭାଇ
ତାଙ୍କ ନାମ ଦିଅ କହି !



ଉ– **ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ**

– କବିଜ୍ୟୋତି ନିରଞ୍ଜନ ପତି
ଗାନ୍ଧୀମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯

# ଅସମ୍ଭବ ମିଶ୍ରଣ

ବିଜ୍ଞାନ କୁହୁକ





''ଗୋଟିଏ ବସ୍ତୁ କୌଣସି ତରଳରେ ବୁଡ଼ିବ କିମ୍ବା ଭାସିବ ତାହା ଉଭୟ ବସ୍ତୁ ଓ ତରଳର ଘନତ୍ୱ ଉପରେ ନିର୍ଭରଶୀଳ। କୌଣସି ବସ୍ତୁର ଘନତ୍ୱ ତରଳର ଘନତ୍ୱଠାରୁ କମ୍ ହେଲେ ତାହା ତରଳରେ ଭାସେ। ଯେପରି କାଠର ଘନତ୍ୱ ପାଣିର ଘନତ୍ୱଠାରୁ କମ୍ ହୋଇଥିବାରୁ ତାହା ପାଣିରେ ଭାସେ। ଅନ୍ୟପକ୍ଷରେ ଲୁହାର ଘନତ୍ୱ ତରଳର ଘନତ୍ୱଠାରୁ ବେଶି ହୋଇଥିବାରୁ ତାହା ବୁଡ଼ିଯାଏ।''

ମୁନା ସେଦିନ ବାପାଙ୍କ ସାଙ୍ଗରେ ବିଜ୍ଞାନ କେନ୍ଦ୍ର ବୁଲି ଯାଇଥିଲା। ସେ ବିଜ୍ଞାନ କେନ୍ଦ୍ରର ଗ୍ୟାଲେରିରେ ବୁଲୁବୁଲୁ ଗୋଟିଏ ପ୍ରଦର୍ଶନ ପାଖରେ ଅଟକିଗଲା। ପ୍ରଦର୍ଶନର ନାମ ଲେଖାଯାଇଥିଲା 'ଅସମ୍ଭବ ମିଶ୍ରଣ'। ଏଥିରେ ଏକ କାଚନଳୀ ମଧ୍ୟରେ ତିନୋଟି ଅଲଗା ଅଲଗା ରଙ୍ଗର ତରଳ ରଖାଯାଇଥାଏ। ସେଥିରୁ ଗୋଟିଏ ତରଳ ସବା ତଳେ ଥିଲାବେଳେ ଅନ୍ୟ ତରଳଟି ସବା ଉପର ଭାଗରେ ରହିଥାଏ। ତୃତୀୟ ତରଳଟି ମଝିରେ ରହିଥାଏ। ତରଳଗୁଡ଼ିକୁ ପରସ୍ପର ସହ ମିଶାଇବା ପାଇଁ ପ୍ରଦର୍ଶନରେ ଏକ ବୃତ୍ତାକାର ଫ୍ରେମ୍ ଥାଏ। ମୁନା ଏହି ଫ୍ରେମ୍‌ଟିକୁ ଘୂରାଇ ତରଳ ତିନୋଟିକୁ ପରସ୍ପର ସହ ମିଶାଇଦେଲା। କିଛି ସମୟ ପରେ ଦେଖାଗଲା ଯେ, ତରଳ ୩ଟି ପୁଣି ଅଲଗା ହୋଇ ଯିଏ ଯେଉଁ କ୍ରମରେ ଥିଲେ, ସେହି କ୍ରମରେ ରହିଗଲେ: ଅର୍ଥାତ୍ ସବା ତଳେ ନାରଙ୍ଗୀ ରଙ୍ଗର ତରଳ, ମଝିରେ ରଙ୍ଗ ନ ଥିବା ତରଳ ଓ ଉପରେ ସବୁଜ ରଙ୍ଗର ତରଳ। ମୁନା ପୁଣି ଥରେ ଫ୍ରେମ୍ ଘୂରାଇ ତରଳଗୁଡ଼ିକୁ ପରସ୍ପର ସହ ମିଶାଇ ଦିଅନ୍ତେ, ତରଳ ୩ଟି ପରସ୍ପରଠାରୁ ପୁଣି ଅଲଗା ହୋଇଯିବାର ଦେଖାଗଲା।

ମୁନା ଆଶ୍ଚର୍ଯ୍ୟ ହୋଇ ବାପାଙ୍କୁ ପଚାରିଲା, ''ବାପା, ଏ ତରଳଗୁଡ଼ିକ ପରସ୍ପରଠାରୁ ଅଲଗା ହୋଇଯାଉଛନ୍ତି କିପରି?'' ବାପା କହିଲେ, ''ବୁଝାଇ କହୁଛି ଶୁଣ। ଏହି ତରଳସବୁ ସମାନ ତରଳ ନୁହନ୍ତି। ଏମାନଙ୍କ ଘନତ୍ୱ ଅଲଗା ଅଲଗା ହୋଇଥିବାରୁ ସେମାନେ ପରସ୍ପର ସହ ନ ମିଶି ଅଲଗା ଅଲଗା ହୋଇ ଯାଉଛନ୍ତି।'' ମୁନା ମଝିରେ ବାଧା ଦେଇ ପଚାରିଲା, ''ବାପା, ଘନତ୍ୱ ପୁଣି କ'ଣ?'' ବାପା ଉତ୍ତରଦେଲେ, ''ଭଲ ପ୍ରଶ୍ନଟିଏ ପଚାରିଲୁ, ବୁଝାଇ କହୁଛି ଶୁଣ। ଗୋଟିଏ ବସ୍ତୁ କେତେ ଭାରୀ କିମ୍ବା କେତେ ହାଲୁକା ତା' ବସ୍ତୁର ଘନତ୍ୱ ଉପରେ ନିର୍ଭରକରେ। ଘନତ୍ୱ ଏକ ଭୌତିକ ରାଶି ହୋଇଥିବାରୁ ପ୍ରତ୍ୟେକ ବସ୍ତୁ ପାଇଁ ଏହାର ନିର୍ଦ୍ଦିଷ୍ଟ ମୂଲ୍ୟ ରହିଛି। ଉଦାହରଣ ସ୍ୱରୂପ, ପାଣିର ଘନତ୍ୱ ୧.୦ ଗ୍ରା/ ଘ. ସେ. ମି., ଲୁହାର ଘନତ୍ୱ ୭.୬ ଗ୍ରା/ ଘ. ସେ.ମି., ଆଲୁମିନିୟମର ଘନତ୍ୱ ୨୭ ଗ୍ରା/ ଘ. ସେ. ମି, କାଠର ଘନତ୍ୱ ୦.୯ ଗ୍ରା/ ଘ. ସେ. ମି, କିରୋସିନର ଘନତ୍ୱ ୦.୮ ଗ୍ରା/ ଘା ସେ. ମି. ଇତ୍ୟାଦି ଇତ୍ୟାଦି।''

ମୁନା ପୁଣି ପଚାରିଲା, ''ବାପା, ଏହି ଘନତ୍ୱ ଅଙ୍କରୁ ଆମକୁ କ'ଣ ସୂଚନା ମିଳେ?'' ବାପା ଉତ୍ତର ଦେଲେ, ''ଗୋଟିଏ ବସ୍ତୁ କୌଣସି ତରଳରେ ବୁଡ଼ିବ କିମ୍ବା ଭାସିବ ତାହା ଉଭୟ ବସ୍ତୁ ଓ ତରଳର ଘନତ୍ୱ ଉପରେ ନିର୍ଭରଶୀଳ। କୌଣସି ବସ୍ତୁର ଘନତ୍ୱ ତରଳର ଘନତ୍ୱଠାରୁ କମ୍ ହେଲେ ତାହା ତରଳରେ ଭାସେ। ଯେପରି କାଠର ଘନତ୍ୱ ପାଣିର ଘନତ୍ୱଠାରୁ କମ୍ ହୋଇଥିବାରୁ ତାହା ପାଣିରେ ଭାସେ। ଅନ୍ୟପକ୍ଷରେ ଲୁହାର ଘନତ୍ୱ ତରଳର ଘନତ୍ୱଠାରୁ ବେଶି ହୋଇଥିବାରୁ ତାହା ବୁଡ଼ିଯାଏ।'' ବାପା ବୁଝିଗଲି। ହେଲେ ଏଠାରେ ଘନତ୍ୱର ଆଧାରରେ ତରଳ ତିନୋଟି ଅଲଗା ହେଉଛନ୍ତି କିପରି?'' ବାପା କହିଲେ, ''ଏଠାରେ ସର୍ବଦା ତଳେ ରହୁଥିବା ତରଳଟିର ଘନତ୍ୱ ସବୁଠାରୁ ବେଶି। ଏହା ଏକ ଜୈବିକ ତରଳ। ଏହାର ଘନତ୍ୱ ୧.୧୪। ମଝିରେ ରହୁଥିବା ତରଳଟି ହେଉଛି ପାଣି। ଏହାର ଘନତ୍ୱ ୧ ଉପରେ ରହୁଥିବା ତରଳଟିର ଘନତ୍ୱ ସବୁଠାରୁ କମ୍। ଏହା କିରୋସିନ ଭଳି ଏକ ହାଇଡ୍ରୋକାର୍ବନଭିତ୍ତିକ ତରଳ। ଏହାର ଘନତ୍ୱ ୦.୬୫। ସୁତରାଂ ତରଳ ତିନୋଟିର ଘନତ୍ୱରେ ଏପରି ପାର୍ଥକ୍ୟ ହେତୁ ତରଳଗୁଡ଼ିକ ପରସ୍ପରଠାରୁ ଅଲଗା ଅଲଗା ହୋଇଯାଉଛନ୍ତି ଏବଂ ଏକ ଅସମ୍ଭବ ମିଶ୍ରଣ ସୃଷ୍ଟି ହେଉଛି।''

ମୁନା 'ଅସମ୍ଭବ ମିଶ୍ରଣ'ର ରହସ୍ୟ ସମ୍ପର୍କରେ ଅନେକ କଥା ଏଥର ବୁଝିପାରିଥିଲା। ତେଣୁ ଘରକୁ ଫେରିଲା ବେଳକୁ ତା'ର ମନ ଭାରି ଖୁସି ଥିଲା ସେଦିନ।

– ନିକୁଞ୍ଜ ବିହାରୀ ସାହୁ
ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

ଅଦ୍ଭୁତାଳୁ

# ଡେଙ୍ଗା ବଳଦ






ପିଲାଏ, ତୁମେମାନେ ତ ବଳଦ ଦେଖିଥିବ। ଏହି ପ୍ରାଣୀ ଦେଖିବାକୁ ଭିନ୍ନ ଭିନ୍ନ ରଙ୍ଗର। ଲମ୍ବା ଶିଙ୍ଗକୁ ଦୀର୍ଘକାୟ ଶରୀର। ବିଶେଷଭାବରେ ଚାଷ କାର୍ଯ୍ୟ ଏବଂ ଶଗଡ ଗାଡିରେ ଜିନିଷ ପରିବହନ ପାଇଁ ଏମାନଙ୍କୁ ବ୍ୟବହାର କରାଯାଏ। ଏଭଳି ଏକ ବଳଦ ରହିଛି, ଯାହାର ଉଚ୍ଚତା ପ୍ରାୟ ୬ ଫୁଟ ୪.୫ ଇଞ୍ଚ (୧.୯୪ମି)। ରୋମ୍‌ରେ ଥିବା ୱେଲ୍‌କମ୍ ହୋମ୍ ଆନିମଲ ସାଙ୍କ୍‌ଚୁଆରିରେ ଏହାକୁ ଦେଖିବାକୁ ମିଳୁଛି। ଏହାର ବୟସ ୬ ବର୍ଷ। ମିଷ୍ଟି ମାରେ ଉକ୍ତ ବଳଦର ଦେଖାଶୁଣା କରୁଛନ୍ତି। ଶ୍ରଦ୍ଧାରେ ଏହାର ନାମ ରଖାଯାଇଛି 'ରୋମିଓ'। ମିଷ୍ଟିଙ୍କ କହିବା ଅନୁସାରେ, 'ଏହି ବଳଦ କେବେ ମୋତେ ହଇରାଣ କରିନାହିଁ। ଆଉ ମୁଁ ତାହାର ଯତ୍ନ ଠିକ୍ ଭାବରେ ନେଉଛି। ତେଣୁ ରୋମିଓ ଏ ପର୍ଯ୍ୟନ୍ତ ବଞ୍ଚି ରହିଛି।' ଏହାକୁ ବିଶ୍ୱର ସବୁଠାରୁ ଡେଙ୍ଗା ବଳଦ ଭାବେ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ମିଳିଛି।

# ଆ ଇ ନା



ଅମ୍ଲାନ ପାଣିଗ୍ରାହୀ
୪ବର୍ଷ, ଭୁବନେଶ୍ୱର



ଇଶା କର
୩ ବର୍ଷ, ଖୋର୍ଦ୍ଧା